# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 August - 2024**

**News Editor : Itishree Singh Rathaur**

****************************************

## ମୁଖ୍ୟ ସମ୍ବାଦ

- ଇ-ନିଲାମୀରେ ଅଂଶଗ୍ରହଣ କରି ନଥିବା ରାଜ୍ୟଗୁଡ଼ିକ ଭାରତୀୟ ଖାଦ୍ୟ ନିଗମ ଏବଂ ଖୋଲା ବଜାରରୁ ସିଧାସଳଖ ଖାଦ୍ୟଶସ୍ୟ କିଣିପାରିବେ ବୋଲି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

- ରାଜ୍ୟରେ ଆଉ ୧୧ଟି ସି-ଫୁଡ୍ ପାର୍କ ପ୍ରତିଷ୍ଠା ହେବା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ପ୍ୟାରିସ୍ ଅଲିମ୍ପିକ୍ସରେ ୫୦ ମିଟର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କଲେ ଭାରତର ସ୍ୱପ୍ନିଲ କୁଶାଲେ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବା ସମ୍ଭାବନା; ରାଜ୍ୟର ୪ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା

## ଇ-ନିଲାମୀ

ଇ-ନିଲାମୀରେ ଅଂଶଗ୍ରହଣ କରି ନଥିବା ରାଜ୍ୟଗୁଡ଼ିକ ଭାରତୀୟ ଖାଦ୍ୟ ନିଗମ ଏବଂ ଖୋଲା ବଜାରରୁ ସିଧାସଳଖ ଖାଦ୍ୟଶସ୍ୟ କିଣିପାରିବେ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଉପଭୋକ୍ତା, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ  ପ୍ରହ୍ଲାଦ ଯୋଶୀ ଆଜି ଏ ସମ୍ପର୍କରେ ଘୋଷଣା କରି କହିଛନ୍ତି, ଏହି ନିଷ୍ପତ୍ତି ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ସେ କହିଛନ୍ତି, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମୁଣ୍ଡପିଛା ନିର୍ଦ୍ଧାରିତ ୫ କିଲୋଗ୍ରାମ୍ ମାଗଣା ଖାଦ୍ୟଶସ୍ୟଠୁ ଅଧିକ ରିହାତି ମୂଲ୍ୟରେ ସଂଗ୍ରହ କରିପାରିବେ। ଭାରତ ବ୍ରାଣ୍ଡ ଅଧୀନରେ ଅଟା ଏବଂ ଚାଉଳ ଯୋଗାଣ ଜାରି ରହିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୮୧ କୋଟି ୩୫ ଲକ୍ଷ ହିତାଧିକାରୀଙ୍କୁ ପୂର୍ବଭଳି ବିନାମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଣ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ଶିଳ୍ପ ପ୍ରତିଷ୍ଠା

ରାଜ୍ୟ ସରକାର ଶିଳ୍ପାୟନକୁ ଗୁରୁତ୍ୱ ପ୍ରଦାନ କରିବା ସହ  ବିଭିନ୍ନ ଜିଲ୍ଲାରେ ଆଉ ୧୧ଟି ସି-ଫୁଡ୍ ପାର୍କ ପ୍ରତିଷ୍ଠା ପାଇଁ ଯୋଜନା କରୁଛନ୍ତି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଡେରାସ୍ ସ୍ଥିତ ସି-ଫୁଡ୍ ପାର୍କ ଶିଳ୍ପାଞ୍ଚଳକୁ ଗସ୍ତରେ ଯାଇ ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି,  ଇଡ୍‌କୋ ଦ୍ୱାରା ଅଧିକୃତ ୧୫୧ ଏକର ଜମିରୁ ୮୮ ଏକର ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଦାନ କରାଯାଇଛି। ଏହି ଶିଳ୍ପାଞ୍ଚଳରେ ୧୭ଟି ସଂସ୍ଥାକୁ ଉଦ୍ୟୋଗ ଖୋଲିବା

ପାଇଁ ଆବଶ୍ୟକ ଅନୁମତି ପ୍ରଦାନ କରାଯାଇଛି । ଏହାଦ୍ୱାରା ୧୦ ହଜାର ମହିଳାଙ୍କ ସମେତ ୧୫ ହଜାର ଯୁବକଯୁବତୀଙ୍କ ପାଇଁ ରୋଜଗାରର ମାଧ୍ୟମ ଖୋଲିବ ବୋଲି ସେ କହିଛନ୍ତି ।

## ପଥର କାରିଗର

ରାଜ୍ୟର ପଥର ଖୋଦେଇ କାରିଗରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଞ୍ଚାମାଲ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଓଡ଼ିଶା ଆର୍ଟିସାନ୍ ଗ୍ରେଟ୍ ଷ୍ଟୋନ୍ ପଲିସି-୨୦୨୧ ଆଧାରରେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।  ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା ଖ୍ୟାତିସମ୍ପନ୍ନ ଭାସ୍କରଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଆଲୋଚନାବେଳେ ଶିଳ୍ପୀଗୁରୁ ଶ୍ରୀ ସାହୁ ପଥର ଖୋଦେଇ କାରିଗର ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ପଥର ଖୋଦେଇ କାରିଗରଙ୍କଠାରୁ ଆବଶ୍ୟକତା ନେଇ ତଥ୍ୟ ସଂଗ୍ରହ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

## ସ୍ୱାମୀନାଥନଙ୍କ ଆଲୋଚନା

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡକ୍ଟର ସୌମ୍ୟା ସ୍ୱାମୀନାଥନ ଆଜି ଭୁବନେଶ୍ୱରଠାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।  ଚେନ୍ନାଇଠାରେ ଆଗାମୀ ୭ ଓ ୮

ତାରିଖରେ ଅନୁଷ୍ଠିତ ହେବାକୁ ଥିବା କ୍ଷୁଧାମୁକ୍ତ ବିଶ୍ୱ ଉପରେ ଆଧାରିତ ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେବା ପାଇଁ ଡକ୍ଟର ସ୍ୱାମୀନାଥନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓଙ୍କୁ ଆମନ୍ତ୍ରଣ କରିଛନ୍ତି। ଆଲୋଚନା କାଳରେ ଉପମୁଖ୍ୟମନ୍ତ୍ରୀ ପାରମ୍ପରିକ କୃଷି ଓ ଜୈବିକ କୃଷି ପ୍ରଣାଳୀରେ ଧାନ, ମୁଗ, ବିରି, ମାଣ୍ଡିଆ ଓ ଅନ୍ୟାନ୍ୟା ଶସ୍ୟ ଜାତୀୟ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କୋରାପୁଟ ଜିଲ୍ଲା ଜୟପୁରଠାରେ ଥିବା ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନକୁ ଅନ୍ତର୍ଜାତୀୟ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଡକ୍ଟର ସ୍ୱାମୀନାଥନ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ଡକ୍ଟର ସ୍ୱାମୀନାଥନ ଏବେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜାତୀୟ ଯକ୍ଷ୍ମା ନିରାକରଣ ଯୋଜନାର ପ୍ରମୁଖ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଛନ୍ତି।

## ଘରଡିହ ପଟ୍ଟା ବଣ୍ଟନ

ସମ୍ବଲପୁର ଜିଲ୍ଲାରେ ପ୍ରଥମଥର ପାଇଁ ହୀରାକୁଦ ବିସ୍ଥାପିତଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ରେଙ୍ଗାଲି ତହସିଲ୍ ଅନ୍ତର୍ଗତ କୁର୍ଲା ଗାଁରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପଟ୍ଟା ବଣ୍ଟନ କରିଛନ୍ତି। ୨୨୬ ଜଣ ବିସ୍ଥାପିତ ପରିବାରକୁ ୧୦ ଡିସିମିଲି ଲେଖାଏଁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍‌ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ଜନ୍ମ ହେବାର ପ୍ରଥମ ମାସରେ ଶିଶୁର ସମସ୍ତ ପ୍ରକାର ଶକ୍ତି ଓ ପୋଷଣ ଆବଶ୍ୟକତା ମା’ କ୍ଷୀର ପୂରଣ କରିଥାଏ । ସ୍ତନ୍ୟପାନ ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ସ୍ତନ୍ୟପାନ ସମ୍ପର୍କିତ ସମସ୍ତ ପ୍ରତିବନ୍ଧକକୁ ଦୂର କରିବା ତଥା ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି ।

ମା’ କ୍ଷୀରର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ମହାଲିଙ୍ଗ କହିଛନ୍ତି, ମା’ କ୍ଷୀର ହେଉଛି ଶିଶୁ ପାଇଁ ସର୍ବୋତ୍ତମ ପୃଷ୍ଟିକର ଖାଦ୍ୟ। ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି।

**ଗଜପତି** ଜିଲ୍ଲା ଗୋଶାଣୀ ବ୍ଲକ୍ ଅନ୍ତର୍ଗତ ଉପଲଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରଠାରେ ସମନ୍ୱିତ ସ୍ୱାସ୍ଥ୍ୟ ଅଭିଯାନ ଏବଂ ବିଶ୍ୱ ସ୍ତନ୍ୟପାନ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସ୍ୱାସ୍ଥ୍ୟକର୍ମୀ, ଆଶା ଏବଂ ଅଙ୍ଗନୱାଡୀ କର୍ମୀ ଘରକୁ ଘର ଯାଇ ମ୍ୟାଲେରିଆ, ଡେଙ୍ଗୁ,  ଝାଡାବାନ୍ତି, ଯକ୍ଷ୍ମା ଆଦି ରୋଗର ନିରାକରଣ ଉପରେ ଲୋକଙ୍କୁ ସଚେତନ କରାଇଥିଲେ।

## ପ୍ୟାରିସ୍ ଅଲିମ୍ପିକ୍ସ

ବନ୍ଧୁକ ଚାଳକ ସ୍ୱପ୍ନିଲ କୁଶାଲେ ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ଭାରତ ପାଇଁ ତୃତୀୟ ପଦକ ହାସଲ କରିଛନ୍ତି। ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ୍ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ହାସଲ ପରେ ନିଜ ପ୍ରତିକ୍ରିୟାରେ ଶ୍ରୀ କୁଶାଲେ କହିଛନ୍ତି, ଏହି ସଫଳତା ମତେ ଅଧିକ ଉତ୍ସାହିତ କରିଛି। ଭାରତ ପାଇଁ ପଦକ ଜିତିବା ତାଙ୍କ ପାଇଁ ସ୍ୱପ୍ନ ଥିଲା ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶ୍ରୀ କୁଶାଲେଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଭାରତର ପଦକ ସଂଖ୍ୟା ୩ କୁ ବୃଦ୍ଧି ପାଇଛି।

ପୁରୁଷ ହକିରେ ଭାରତ ବେଲଜିୟମ୍‌ଠାରୁ ୨/୧ରେ ହାରିଯାଇଛି। ମହିଳା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ନିଖତ ଜରିନ୍ ଆଜି ଚୀନ୍ ପ୍ରତିପକ୍ଷଙ୍କଠାରୁ ପରାସ୍ତ ହୋଇଯାଇଛନ୍ତି।

## ସମ୍ବଲପୁରୀ ଦିନ୍

ସମ୍ବଲପୁରୀ ସାହିତ୍ୟର ପ୍ରଖ୍ୟାତ ସାଧକ ଗୁରୁ ସତ୍ୟନାରାୟଣ ବହିଦାରଙ୍କର ଜନ୍ମଦିବସ ଅବସରରେ ଆଜି ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି। ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ସାହିତ୍ୟର ଗରିମା ବୃଦ୍ଧି ଦିଗରେ ସ୍ୱର୍ଗତଃ ବହିଦାରଙ୍କ ଅବଦାନକୁ ସ୍ମରଣ କରି ୨୦୧୩ ମସିହାରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ପହିଲାକୁ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଏ। **ମୁଖ୍ୟମନ୍ତ୍ରୀ**

ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱର୍ଗତଃ ବହିଦାରଙ୍କ ସ୍ମୃତିଚାରଣ କରିବା ସହ ସମସ୍ତଙ୍କ ସୁଖ ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। **କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମ୍ବଲପୁରୀ ଦିନ୍ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ସମ୍ବଲପୁରୀ ସଂସ୍କୃତି ଏବଂ ଇତିହାସ ଉପରେ ଉଚ୍ଚସ୍ତରୀୟ ଗବେଷଣା ପାଇଁ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଇଆଇଏମ୍ ସମ୍ବଲପୁରଠାରେ **ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର** ସ୍ଥାପନ କରାଯାଇଛି।

## ସମ୍ବଲପୁରୀ ଦିନ୍-ଜିଲ୍ଲା

**ସମ୍ବଲପୁର**ରେ ଏହି ଦିବସ ଆଜି ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇଛି। ପଶ୍ଚିମାଞ୍ଚଳ ଏକତା ମଂଚ ଆନୁକୂଲ୍ୟରେ ସତ୍ୟନାରାୟଣ ବହିଦାର ପାର୍କ ନିକଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ସଂଗଠନ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ବସ୍ତ୍ର ପରିଧାନ ସହ ସମ୍ବଲପୁରୀ ଖାଦ୍ୟପେୟର ମଜ୍ଜା ଉପସ୍ଥିତ ଲୋକ ଉଠାଇଥିଲେ। ସମ୍ବଲପୁରୀ ଏକତା ମଂଚ ପକ୍ଷରୁ ଗଙ୍ଗାଧର ମଣ୍ଡପଠାରେ ଏହି ଦିବସ ପାଳିତ ହୋଇଛି।

**ବୌଦ୍ଧ** ଟାଉନ୍‌ହଲ୍‌ଠାରେ ପଶ୍ଚିମାଞ୍ଚଳ ଏକତା ମଂଚ ଏବଂ ଜିଲ୍ଲା କଳାକାର ସଂଘ ପକ୍ଷରୁ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଦକ୍ଷତା ବିକାଶ ବୈଠକ

ନବରଙ୍ଗପୁରଠାରେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଡକ୍ଟର କମଳ ଲୋଚନ

ମିଶ୍ର କୌଶଳଭିତ୍ତିକି ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ଦକ୍ଷତା ବିକାଶ ନେଇ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଦକ୍ଷତା ବିକାଶ ଦ୍ୱାରା ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବା ନେଇ ଜନ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ମନିଟରିଂ କମିଟି ବୈଠକ

ଗଞ୍ଜାମ ଜିଲ୍ଲାରେ କୃଷକ ଉତ୍ପାଦନ ସଂଗଠନର ଗଠନ ଓ ପଦୋନ୍ନତି ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅଧୀନରେ ୨୦୨୭-୨୮ ସୁଦ୍ଧା ଜିଲ୍ଲାର ଦଶ ହଜାର କୃଷକ ଉତ୍ପାଦକ ସଂଗଠନକୁ  ସାମିଲ କରିବା ନେଇ ଆଲୋଚନା ହୋଇଛି।  ଏହି ଯୋଜନାରେ ୬ ହଜାର ୮୬୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ବିକାଶ ତଥା ଉତ୍ପାଦିତ ବିଭିନ୍ନ ସାମଗ୍ରୀର ଗୁଣବତ୍ତା ବଜାୟ ରଖିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପରେ ପରିବର୍ତ୍ତିତ

ହୋଇପାରେ । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଂଚଳରେ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି ।

ବଲାଙ୍ଗିର, ମୟୂରଭଞ୍ଜ, ସମ୍ବଲପୁର ଏବଂ ପୁରୀ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ କରାଇଛନ୍ତି । ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବାର ସମ୍ଭାବନା ଥିବାରୁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୫୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ସ୍ୱାଭାବିକ ବର୍ଷା ତୁଳନାରେ ଏହା ୧୦ ପ୍ରତିଶତ କମ୍ । ମାଲକାନଗିରି ଜିଲ୍ଲାରେ ସବୁଠାରୁ ଅଧିକ ହଜାରେ ୬୧ ଦଶମିକ ୧ ମିଲିମିଟର ବର୍ଷା ହୋଇଛି । କୋରାପୁଟ, ନୂଆପଡା ଏବଂ ବୌଦ୍ଧ ଜିଲ୍ଲାରେ ମଧ୍ୟ ଅଧିକ ବର୍ଷା ରେକର୍ଡ କରାଯାଇଛି । ୧୫ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି ।

## ହୀରାକୁଦ

ହୀରାକୁଦ ଉପର ମୁଣ୍ଡରେ ବର୍ଷା କମିବା ଫଳରେ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିବା ଜଳର ପରିମାଣ ହ୍ରାସ ପାଇଛି । ଜଳସ୍ତରକୁ ଦୃଷ୍ଟିରେ ରଖି ଜଳଭଣ୍ଡାର କର୍ତ୍ତୃପକ୍ଷ ଆଉ ଦୁଇଟି ଗେଟ୍‌କୁ ବନ୍ଦ କରି ଦେଇଛନ୍ତି । ଏବେ ୧୦ଟି ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସିତ ହେଉଛି । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାରକୁ ୧ ଲକ୍ଷ ୮୪ ହଜାର ୧୧୦ ଘନଫୁଟ ଜଳ

ପ୍ରବେଶ କରୁଛି । ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮ ଦଶମିକ ୫/୮ ଫୁଟ ରହିଥିଲା ।

*********************************